# ଢେଙ୍କାନାଳ ବନାଞ୍ଚଳରେ ବଣ୍ୟଜନ୍ତୁଙ୍କ ନିମନ୍ତେ ପାଣି ନାହିଁ

## ଜଙ୍ଗଲ ଭିତରେ ଶୁଖିଲା ପଡ଼ିଛି ପୋଖରୀ

ଢେଙ୍କାନାଳ, ୨୭।୪ (ସମିସ) :

ଢେଙ୍କାନାଳ ବନଖଣ୍ଡ କପିଳାସ ଅଭୟାରଣ୍ୟ ତଥା ରେଞ୍ଜରେ ଜିଲ୍ଲାରେ ସର୍ବାଧିକ ହାତୀ ସହିତ ବିଭିନ୍ନ ପ୍ରକାରର ଜୀବଜନ୍ତୁ ରହିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ହାତୀ ସହିତ ବଣ୍ୟଜନ୍ତୁ ଗୁଡିକ ଜଳକ୍ରୀଡ଼ା କରିବା ଏବଂ ପାଣି ପିଇବା ପାଇଁ ପ୍ରଚୁର ପାଣିର ଆବଶ୍ୟକତା ହୋଇଥାଏ। ଢେଙ୍କାନାଳ ବନଖଣ୍ଡରେ ବନ ବିଭାଗ ପକ୍ଷରୁ ପୋଖରୀ ଖୋଳାଯାଇଥିବା ବେଳେ ସେଥିରେ ପାଣି ନାହିଁ। ହାତୀ ସହିତ ଅନ୍ୟ ଜୀବଜନ୍ତୁ ପାଣି ପାଇଁ ଗ୍ରାମ ପୋଖରୀ ଏବଂ ନାଳ ନିକଟକୁ ଚାଲି ଆସୁଥିବା ବେଳେ ଶିକାରୀ ଗୁଳିରେ ନିହତ ହେଉଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଅସହ୍ୟ ହୋଇଥିବା ବେଳେ ପୋଖରୀ ଶୁଖିଯିବା ଜୀବଜନ୍ତୁଙ୍କ ଲାଗି କାଳ ସାଜିଛି।

ଢେଙ୍କାନାଳ ବନଖଣ୍ଡରେ ମୋଟ ୧ ହଜାର ୭୩୭ ବର୍ଗ କିଲୋମିଟର ଜଙ୍ଗଲ ସହିତ ୧ ହଜାର ୧୪୧ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ, ୫୯୬ ବର୍ଗ କିଲୋମିଟର କେଏଫ ଜଙ୍ଗଲ ରହିଛି। ଢେଙ୍କାନାଳ, ହିନ୍ଦୋଳ, ମହାବିରୋଡ଼, କାମାକ୍ଷାନଗର ପୂର୍ବ, ପଶ୍ଚିମ ସହିତ ଭୁବନ, ଷଢଙ୍ଗୀ, କପିଳାସ ଭଳି ୮ଟି ରେଞ୍ଜ ସହିତ ୩୭ଟି ସେକ୍ସନ ଏବଂ ୧୦୪ଟି ବିଟ୍ ରହିଛି। କପିଳାସ ଜଙ୍ଗଲକୁ ଗତ ୨୦୧୧ ମସିହା ଏପ୍ରିଲ ୨ ତାରିଖରେ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ପ୍ରାୟ ୧୨୫.୫ ବର୍ଗ କିଲୋମିଟରରେ ପରିବ୍ୟାପ୍ତ ଅଞ୍ଚଳକୁ ନେଇ ଗଠିତ ହୋଇଛି କପିଳାସ ଅଭୟାରଣ୍ୟ। ସମୁଦ୍ର ପତ୍ତନଠାରୁ ପ୍ରାୟ ୧ ଶହରୁ ୬ଶହ ଉଚ୍ଚତାରେ ରହିଛି ଏହି ଅଭୟାରଣ୍ୟ। ଏହି ଅରଣ୍ୟରେ ବହୁ ଜୀବଜନ୍ତୁଙ୍କ ସହିତ ହାତୀ, ହରିଣ, ବାଘ, ଝିଙ୍କ, କୁଟୁରା, ସମ୍ବର, ଭାଲୁ, ବଜ୍ରକାପ୍ତା, ଅହିରାଜ, ଅଜଗର ସାପ ବି ରହୁଛନ୍ତି। ଜୀବଜନ୍ତୁରେ ପୂର୍ଣ୍ଣ କପିଳାସକୁ ଇକୋ ସେନସିଟିଭ ଜୋନ ଭାବରେ ଘୋଷଣା କରାଯାଇଛି। ଗତ ୨୦୧୪ ମସିହା ଏପ୍ରିଲ ୪ ତାରିଖରେ ଭାରତର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏହି ଘୋଷଣା କରାଯାଇଥିବା ବେଳେ ଏହାର ପରିସରକୁ ୩୯୩.୮୭ ବର୍ଗ କିଲୋମିଟରକୁ ବୃଦ୍ଧି କରିଛନ୍ତି। ଏହି ଜୋନ ୫ଶହ ମିଟରରୁ ୧୩.୧୫ କିଲୋମିଟର ପର୍ଯ୍ୟନ୍ତ ବଳବତ୍ତର ରହିବ। ଓଡ଼ିଶା ସରକାରଙ୍କ ତରଫରୁ ୨୦୧୬ ମସିହାରେ ଏହାକୁ ଟୁରିଷ୍ଟ ହବ୍ ଭାବରେ ଘୋଷଣା କରାଯାଇଛି। ଏହି ଅଭୟାରଣ୍ୟରେ ୨ଶହରୁ ଅଧିକ ହାତୀ ବସବାସ କରୁଛନ୍ତି। ହାତୀମାନେ ଦୈନିକ ଖାଦ୍ୟ ପାଇଁ ୧୬ରୁ ୧୮ ଘଣ୍ଟା ଚାଲିବା ସହିତ ଖାଦ୍ୟ ସଂଗ୍ରହ କରିଥାନ୍ତି। ହାତୀମାନେ ଦୈନିକ ଦେଢ଼ କ୍ୱିଣ୍ଟାଲରୁ ୧୬୯ କେଜି ଖାଦ୍ୟ ଭାବରେ ଗଛର ଫଳ, ପତ୍ର, ଛେଲି, ମୂଳ ଖାଇଥାନ୍ତି। ହେଲେ ପାଣି ପାଇଁ ଦୈନିକ ଜଳାଶୟ ନିକଟକୁ ଯାଇ ଏକାଥରକେ ୫୦ଲିଟର ପାଣି ପିଇବା ସହିତ ୧୦ ଲିଟର ପରିଶ୍ରା କରିଥାନ୍ତି। ହାତୀମାନେ କପିଳାସ ଅଭୟାରଣ୍ୟରେ ସୁରକ୍ଷିତ ଭାବରେ ରହିଥିବା ବେଳେ ୪ କିଲୋମିଟର ଦୂରରୁ ଅନ୍ୟ ହାତୀର କଥା ଜାଣିବା ସହିତ ୧୦ କିମି ଦୂରରୁ ଶ୍ରବଣ କରିପାରନ୍ତି। ମାଈ ହାତୀ ୧୪ ବର୍ଷ ବୟସରେ ଗର୍ଭଧାରଣ କରିବା ପାଇଁ ସକ୍ଷମ ହେଉଥିବା ବେଳେ ସର୍ବାଧିକ ୨୨ ମାସ ଗର୍ଭଧାରଣ କରି ଶାବକ ଜନ୍ମ ଦିଅନ୍ତି। ଦୂରରୁ ସର୍ବାଧିକ ୨୫ଫୁଟରୁ ସେମାନେ ଦେଖିପାରନ୍ତି। ହାତୀଙ୍କ ସୁରକ୍ଷା ପାଇଁ ବନବିଭାଗ ବହୁ ପଦକ୍ଷେପ ଗ୍ରହଣ କରିଛି। ହାତୀମାନଙ୍କ ପାଇଁ ମୁଖ୍ୟ ସମସ୍ୟା ବର୍ତ୍ତମାନ ପାଣି ସମସ୍ୟା ବୋଲି ଜଣାପଡ଼ିଛି। ଜଙ୍ଗଲ ମଧ୍ୟରେ ହାତୀମାନଙ୍କ ପାଣି ସମସ୍ୟାକୁ ଦୂର କରିବା ପାଇଁ ବନ ବିଭାଗ ତରଫରୁ ୨୦୦୮ ମସିହାରୁ ୨୦୨୪ ପର୍ଯ୍ୟନ୍ତ ୧୧୦ଟି ପୋଖରୀ ଖୋଳାଯାଇଥିଲା। ଏହି ପୋଖରୀ ଗୁଡିକ ଏମିତି ସ୍ଥାନରେ ଖୋଳାଯାଇଛି ଯେଉଁଠାରେ ଖରା ଦିନେ ପାଣି ଆଦୌ ରହୁନାହିଁ। କେବଳ ହାତୀ କାହିଁକି ଅନ୍ୟ ଜୀବଜନ୍ତୁ ଗୁଡିକ ପାଣି ପିଇବା ଆଶାରେ ଗ୍ରାମ ନିକଟକୁ ଚାଲିଆସିବା ଯୋଗୁ ଶିକାରୀ କିମ୍ବା କୁକୁରଙ୍କ ହାବୁଡ଼ରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଜଙ୍ଗଲ ମଧ୍ୟରେ ଅଧିକ ସଂଖ୍ୟକ ହାତୀ ରହୁଥିବାରୁ ସେମାନଙ୍କ ପାଇଁ ପାଣି ସମସ୍ୟା ଅଧିକ ରହିଛି। ଫଳରେ ହାତୀଗୁଡିକ ଗ୍ରାମ ନିକଟସ୍ଥ ପୋଖରୀକୁ ଚାଲିଆସୁଥିବା ବେଳେ ପାଣି ଯଥେଷ୍ଟ ହେଉନାହିଁ। ହାତୀମାନେ ମୁଖ୍ୟତଃ ବ୍ରାହ୍ମଣୀ ନଦୀ, ଦଣ୍ଡାଧର ଡ୍ୟାମ, ଦଦରାଘାଟି ପ୍ରୋଜେକ୍ଟ, ସାପୁଆ ପୋଜେକ୍ଟ, ବେଡାପଡ଼ା ଡ୍ୟାମ ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ବ୍ରାହ୍ମଣୀ ନଦୀର ଦୁଇ ପାର୍ଶ୍ୱରୁ ହାତୀମାନେ ନଦୀକୁ ଆସି ଜଳକ୍ରୀଡ଼ା କରିବା ସହିତ ବିଭିନ୍ନ ସ୍ଥାନରେ ଥିବା କାଦୁଅ ଏବଂ ମାଟିରେ କ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି। ଏବେ ପାଣିର ଅଭାବ ସହ ପୋଖରୀ ଶୁଖିଯିବାରୁ ଜୀବଜନ୍ତୁ ଅସହାୟ ହୋଇପଡ଼ିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଢେଙ୍କାନାଳବାସୀ

# ଦିନ ୧୦ ପରେ ରାସ୍ତାଘାଟ ଶୂନ୍‌ଶାନ୍



ଢେଙ୍କାନାଳ, ୨୭।୪ (ସମିସ) : ଢେଙ୍କାନାଳ ଜିଲ୍ଲାରେ ଗତ ୪ ଦିନ ଧରି ପ୍ରବଳ ଗ୍ରୀଷ୍ମତାପ ଯୋଗୁଁ ଅସହ୍ୟ ଗୁଳୁଗୁଳି ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସକାଳ ୧୦ ରୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଗତକାଲି ୪୩ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ଶନିବାର ୪୨ଡିଗ୍ରୀ ତାପମାତ୍ରା ରହିଛି। ଆସନ୍ତା ଦୁଇ ଦିନ ପାଇଁ ପାଣିପାଗ ବିଭାଗ ତରଫରୁ ରେଡ ଆଲର୍ଟ ଜାରି କରାଯାଇଥିବା ବେଳେ ତାପମାତ୍ରା ଆସନ୍ତା ମଇ ମାସ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାପଡ଼ିଛି। ଖରା ଯୋଗୁ ଦୋକାନ ବଜାର ଖାଁ ଖାଁ ହୋଇପଡ଼ିଥିବା ବେଳେ ରାସ୍ତା ବି ଶୂନଶାନ ହୋଇପଡୁଛି। ଫଳରେ ଅନେକ ଦୋକାନ ବନ୍ଦ ରହୁଛି।

# ବିଶ୍ୱସ୍ୱାସ୍ଥ୍ୟ ଦିବସ ଅବସରରେ ରଙ୍ଗୋଲୀ ଓ ଖାଦ୍ୟ ପ୍ରଦର୍ଶନୀ

ଯାଜପୁର, ୨୭।୪ (ସମିସ): ଯାଜପୁର ସହରର ମାନସାପୋଲ ନିକଟରେ ଥିବା ବିରଜା ସ୍କୁଲ ଓ ନର୍ସିଂ କଲେଜରେ ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନର୍ସିଂ ଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ରଙ୍ଗୋଲୀ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ସଂପର୍କରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ୨ଶହ ପ୍ରକାରର ଖାଦ୍ୟ ପ୍ରଦର୍ଶନ ଓ ବିଭିନ୍ନ ମଡେଲ୍ ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରିଣୀ ବିଜୟଲକ୍ଷ୍ମୀ ଦଣ୍ଡପାଣି ଓ ସହ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ରଶ୍ମିରେଖା ବେହେରା ପରିଚାଳନା କରିଥିବାବେଳେ କଲେଜର ସହକର୍ମୀ ସୁଶ୍ରୀ ପ୍ରିୟଙ୍କା ଦାସ, ପୁଷ୍ପଲତା ମହନ୍ତ, ସ୍ୱର୍ଣ୍ଣପ୍ରଭା ସାହୁ, ସୁପ୍ରିୟା ଜେନା, ଜିଜ୍ଞାସା ସାମଲ, ଅନନ୍ୟା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଇ-ଟେକ୍ ଛାତ୍ରଛାତ୍ରୀଙ୍କ ସଫଳତା



ଢେଙ୍କାନାଳ, ୨୭।୪ (ସମିସ) : ଢେଙ୍କାନାଳ ସହରସ୍ଥିତ ଇଟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୨ଜଣ ଛାତ୍ରଛାତ୍ରୀ ଜେଇଇ ମେନ ପରୀକ୍ଷାରେ ସଫଳତା ଅର୍ଜନ କରିଥିବାର ଜଣାପଡ଼ିଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାଧୀନ କୁମାର କର ୯୯.୦୧ ପ୍ରତିଶତ ନମ୍ବର ରଖିଥିବା ବେଳେ ଦିବ୍ୟାଂଶୁ ସାହୁ ୯୭.୭୬, ପ୍ରିୟମ ପ୍ରିୟାଂଶୁ ମହାନ୍ତି ୯୭.୧୬, ନୀଳମାଧବ ମିଶ୍ର ୯୫.୦୪, ଅଭିଷେକ ପାଲ ୯୪.୯୪, ଶିବାନନ୍ଦ ବେହେରା ୯୩.୭୮, ରେଣବ କୁମାର ଦାସ ୯୩.୧୨, ମୋନାଲିସା ସାହୁ ୯୨.୮୧, ସ୍ମୃତିରଞ୍ଜନ ଜେନା ୯୨.୬୫, ହିତେଶ ପରିଡ଼ା ୯୨.୫୩, ରୋଶନ କୁମାର ସାମଲ ୯୧.୯୮, ଶୋଭାଲିନ ବେହେରା ୯୧.୯୩, ନତାଶା ସାହୁ ୯୧.୨୪, ଆଶୀର୍ବାଦ ସ୍ୱାଇଁ ୯୧.୫୨, ଶିଭାଶିଷ ସାହୁ ୯୦.୯୭, ରିତେଶ ଖଟୁଆ ୯୦.୨୭, ଶୁଭକାନ୍ତ ଗଡ଼ନାୟକ ୯୦.୫୫, ସେବାରାଣୀ ରାଜ ୯.୦୩ ପ୍ରତିଶତ ନମ୍ବର ପାଇ ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷାରେ ସ୍ୱାଧୀନ କୁମାର କର, ମୋନାଲିସା ସାହୁ, ରେଣବ କୁମାର ଦାସ, ଆଶୀର୍ବାଦ ସ୍ୱାଇଁ, ଶିଭାଶିଷ ସାହୁ, ରିତେଶ କୁମାର ଖଟୁଆ ପ୍ରମୁଖ ପରବର୍ତ୍ତୀ ପିଲାମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଇଟେକ ପ୍ରବେଶିକା କ୍ଲାସରେ ଛାତ୍ରଛାତ୍ରୀମାନଙ୍କର କଠିନ ଅଧ୍ୟବ୍ୟସାୟ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୟୋପଯୋଗୀ ଶିକ୍ଷାଦାନ, ଶୃଙ୍ଖଳାଗତ ପରିବେଶ ଓ ଅଭିଭାବକମାନଙ୍କର ସହଯୋଗ ଯୋଗୁ ସଫଳତା ଆଣିପାରିଛନ୍ତି। ସେହିପରି ନିଟ୍ ଏବଂ ଜେଇଇ ମେନ ପରୀକ୍ଷା ଗୁଡିକରେ ଅଧିକ ସଫଳତା ଆଣିବା ପାଇଁ ଅଧିକ ଯତ୍ନଶୀଳ ହେବାକୁ ଅଧ୍ୟକ୍ଷ ଡ.ସୁରେଶ ମିଶ୍ର ମତବ୍ୟକ୍ତ କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ଅଭିଭାବକ ମାନଙ୍କୁ ସମ୍ପାଦିକା ସାଗରବାଳା ହୋତା ଅଭିନନ୍ଦନ ଜଣାଇଛନ୍ତି।

# ହିନ୍ଦୋଳରୁ ସୀମାରାଣୀଙ୍କୁ ବିଜେପି ଟିକେଟ

ହିନ୍ଦୋଳ, ୨୭।୪ (ସମିସ) : ନିର୍ବାଚନ ବିଗୁଲ ବାଜି ସାରିଛି, ନିର୍ବାଚନ ତାରିଖ ମଧ୍ୟ ଘୋଷଣା ସରିଛି। ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ କଂଗ୍ରେସ ପକ୍ଷରୁ ଟିକେଟ ଘୋଷଣା ସରିଯାଇଥିବା ବେଳେ ବିଜେପି ପକ୍ଷରୁ କିଏ ଟିକେଟ ପାଇବ ହିନ୍ଦୋଳବାସୀ ପ୍ରତୀକ୍ଷା କରିଥିଲେ। ଶେଷରେ ବିଜେପି ପକ୍ଷରୁ ସୀମାରାଣୀଙ୍କୁ ବିଜେପି ଟିକେଟ ମିଳିଛି। ସୀମାରାଣୀ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ୧ ଥର ବ୍ଲକ ଅଧ୍ୟକ୍ଷା ଓ ୨ ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ସେ ବିଜେଡି ପକ୍ଷରୁ ଦଳୀୟ ଟିକେଟ ପାଇ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ଦଳ ତାଙ୍କୁ ପୁଣି ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଇଥିଲା। ସେହି ନିର୍ବାଚନରେ ମଧ୍ୟ ସୀମାରାଣୀ ୧୮ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ବିଜେଡି ତାଙ୍କୁ ଟିକେଟ ଦେଇ ନଥିବା ବେଳେ ସେ ବିଜେପିରେ ସାମିଲ ହୋଇଥିଲେ। ଶେଷରେ ବିଜେପି ତାଙ୍କୁ ଦଳୀୟ ଟିକେଟ ଦେଇଛି।

# ଆଇନଜୀବୀ ଅରୁଣ ସାହୁଙ୍କ ସ୍ମୃତିସଭା

ଢେଙ୍କାନାଳ, ୨୭।୪ (ସମିସ) : ଢେଙ୍କାନାଳ ଓକିଲ ସଂଘର ପକ୍ଷରୁ ଆଇନଜୀବୀ ଅରୁଣ ସାହୁଙ୍କ ନିମନ୍ତେ ଏକ ସ୍ମୃତିସଭା ବରିଷ୍ଠ ଆଇନଜୀବୀ କିଷାନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ଅରୁଣ କୁମାର ସାହୁଙ୍କ ଆତ୍ମାର ସଦ୍ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କୋର୍ଟ ପରିସରରେ କରାଯାଇଥିଲା। ଶ୍ରୀ ବିଶ୍ୱାଳ ତାଙ୍କ ଅଭିଭାଷଣରେ ସ୍ୱର୍ଗୀୟ ଅରୁଣ ବାବୁ ଢେଙ୍କାନାଳ ବାର୍ର ଭିଜିଲାନ୍ସ କୋର୍ଟ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇ ଦିନକ ପାଇଁ ଖର୍ଚ୍ଚ ପ୍ରଦାନ କରିଥିଲେ ବୋଲି କହିଥିଲେ। ଓକିଲମାନଙ୍କର ଯେ କୌଣସି ଖେଳକୁଦ ହେଲେ ସ୍ୱର୍ଗତ ଅରୁଣଙ୍କର ପାଦ ପଡ଼ିବା ସହ ଆର୍ଥିକ ସହଯୋଗ ରହୁଥିଲା। ତାଙ୍କର ଆତ୍ମାର ସଦ୍ଗତି ନିମନ୍ତେ ଓକିଲ ବନ୍ଧୁମାନଙ୍କ ତରଫରୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସହ ତାଙ୍କ ପରିବାରଙ୍କୁ ଜଗନ୍ନାଥ ଏହି ଦୁଃଖଦ ସମୟରେ ସହାୟ ହୁଅନ୍ତୁ ବୋଲି ସେ କହିଥିଲେ।

# ମା' ହିଙ୍ଗୁଳାଙ୍କ ବାର୍ଷିକ ଯଜ୍ଞ ଓ ଚଇତି ଯାତ

କୁଆଖିଆ,୨୭।୪(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ଓ ଗନ୍ଧଣ ପଞ୍ଚାୟତ ସୀମାନ୍ତବର୍ତ୍ତୀ ଅଞ୍ଚଳର ବଇଁଚ ପଡ଼ିଆରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ହିଙ୍ଗୁଳାଙ୍କ ୬୫ତମ ବାର୍ଷିକ ଯଜ୍ଞ ଓ ଚଇତି ଯାତ୍ରାର ପୂର୍ଣ୍ଣାହୁତି ହୋଇଛି। ମା' ହିଙ୍ଗୁଳା ଭକ୍ତଙ୍କୁ ସରସ୍ୱତୀ ବେଶରେ ଦର୍ଶନ ଦେଇଥିଲେ। ଶ୍ୱେତ ବସ୍ତ୍ରଧାରୀ ମା' ଧବଳ ମୁଖିଙ୍କ ଅନୁପମ ବେଶ, ଆଭୂଷଣ ଅତ୍ୟନ୍ତ ମନୋରମ ଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଅପୂର୍ବ ବେଶକୁ ଦେଖି ଅଭିଭୁତ ହୋଇଥିଲେ। ପୂର୍ଣ୍ଣାହୁତିରେ ଯଜ୍ଞକୁଣ୍ଡରେ ଶେଷ ଆହୁତି ଓ ପୂଜାବିଧିକୁ ଦର୍ଶନ କରିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଭିଡ ଜମାଇଥିଲେ। ପ୍ରାତଃରୁ ମା'ଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ ମାଜଣା କରିବା ପରେ ବଡ଼ସିଂହାର ବେଶରେ ପୂଜା କରାଯାଇଥିଲା। ସକାଳ ଧୂପ ଓ ଭୋଗ ଆଦି ଅର୍ପଣ ପରେ ମା'ଙ୍କ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସେବକ ଭଣ୍ଡାର ଘରୁ ମା'ଙ୍କ ଅଳଙ୍କାର, ଅଙ୍ଗବସ୍ତ୍ର ଆଣି ବେଢାରେ ପହଞ୍ଚାଇ ଥିଲେ। ମା' ହିଙ୍ଗୁଳା ସରସ୍ୱତୀ ବେଶ ଧାରଣ କରିବା ପରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ସକାଳ ଓ ସନ୍ଧ୍ୟା ସମୟରେ ଆଳତୀ ଉତ୍ସବରେ ଭକ୍ତଙ୍କ ବିଶେଷ ସମାବେଶ ହୋଇଥିଲା। ଯଜ୍ଞ ଶେଷରେ କୁଣ୍ଡରେ ପାଟ ଓ ଝୋଟ ଆହୁତି ଦିଆଯାଇଥିଲା।

## ■ ଜାରକା ବଜାରରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲାପାଳଙ୍କ କଟକଣା

# ସକାଳ ୮ରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଚଳାଚଳ ନିଷିଦ୍ଧ

ଧର୍ମଶାଳା,୨୭।୪(ସମିସ): ଜାରକା ବଜାର ଦେଇ ଭାରୀଯାନ ଚଳାଚଳ କରିବା ଦ୍ୱାରା ରାସ୍ତା ଅବରୋଧ ହେବା ସହ ଅତ୍ୟାବଶ୍ୟକ ଯାନ ଯାତାୟାତରେ ସମସ୍ୟା ଓ ଦୁର୍ଘଟଣାର କାରଣ ହେଉଛି। ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ତାଙ୍କ କ୍ଷମତା ପରିସରଭୁକ୍ତ ମୋଟର ଯାନ ଆକ୍ଟ ୧୯୮୮ର ଧାରା ୧୧୫, ୧୧୬, ୧୧୭ ଓ ଓଡିଶା ମୋଟର ଯାନ ନିୟମ ୧୯୯୩ର ଅଧିନିୟମ ୬୩ ଓ ୯୩ ଅନୁଯାୟୀ ଜାରକା କଲେଜରୁ ଜାତୀୟ ରାଜପଥ ୧୬ ଜାରକା ବଜାର ମଧ୍ୟ ଦେଇ ଓ ବିପରୀତ ପାଖ ଜାତୀୟ ରାଜପଥ ୧୬ (ଫ୍ଲାଏଓଭର)ରୁ ଜାରକା ବଜାର ଆରମ୍ଭ ସ୍ଥାନ ପର୍ଯ୍ୟନ୍ତ ସକାଳ ୮ରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳକୁ ନିଷିଦ୍ଧ କରିଛନ୍ତି। ସମସ୍ତ ଭାରିଯାନ ଜାରକା କଲେଜରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ବାଇପାସ ରାସ୍ତା ଆରମ୍ଭ ସ୍ଥାନ ଓ ବିପରୀତ ଜାତୀୟ ରାଜପଥ ପାଖ କେନାଲ ରାସ୍ତାରୁ ଜାତୀୟ ରାଜପଥ ୧୬ ମଧ୍ୟଦେଇ ଯାତାୟାତ କରିପାରିବେ। ଜିଲ୍ଲାପାଳଙ୍କ ଏହି ନିଷେଧାଜ୍ଞା ୧।୫।୨୦୨୪ରୁ ୩୧।୫।୨୦୨୪ ପର୍ଯ୍ୟନ୍ତ ଏକ ମାସ ପାଇଁ ବଳବତ୍ତର ରହିବ। ଏହା ସମସ୍ତ ଜନସାଧାରଣ, ଭାରିଯାନ ଚାଳକ ଓ ଭାରିଯାନ ଚାଳକ ସଂଘଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି।

# ସାମ୍ବାଦିକ ହରିହର ବାରିକ ବିଜେଡିରେ ସାମିଲ

ଟମକା,୨୭।୪(ସମିସ): ସାରା ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି। ଏଥିସହ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ କାର୍ଯ୍ୟଦକ୍ଷତାରେ ଅନୁପ୍ରାଣିତ ହୋଇ ଗୋବର୍ଦ୍ଧନପୁର ପଞ୍ଚାୟତର ବରିଷ୍ଠ ସାମ୍ବାଦିକ ହରିହର ବାରିକ ଦାନଗଦି ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳରେ ବିଧିବଧ ଭାବେ ଯୋଗ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଘଡ଼ାଇ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ବାରିକ ବିଜେଡିରେ ମିଶିବା ଦ୍ୱାରା ଯୁବ ସମାଜ, ସଚେତନ ନାଗରିକଙ୍କ ପ୍ରତି କିଛି ପ୍ରଭାବ ପଡିବ। ଯାହା ବିଜେଡିକୁ ଅଧିକ ଫାଇଦା ହେବ ବୋଲି ରାଜନୀତି ସମୀକ୍ଷକ ପ୍ରକାଶ କରିଛନ୍ତି।

# ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ପକ୍ଷରୁ ଜଳଛତ୍ର କେନ୍ଦ୍ର




ଦାନଗଦି,୨୭।୪(ସମିସ): ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ କଳିଙ୍ଗନଗର ପକ୍ଷରୁ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ରାଜ୍ୟ ରାଜପଥ ୨୦ର ଜିନ୍ଦଲ ମେନଗେଟ ପାର୍କିଂ ନିକଟରେ ଏକ ଜଳଛତ୍ର କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରି କାରଖାନାର ଅର୍ଥ ବିଭାଗ ମୁଖ୍ୟ ସୁନୀଲ ଅଗ୍ରୱାଲ ତୃଷାର୍ତ୍ତ ପଥଚାରୀଙ୍କୁ ଶୁଦ୍ଧ ଓ ଶୀତଳ ପାନୀୟ ଜଳ ବଣ୍ଟନ କରି କହିଲେ, ଏହି କେନ୍ଦ୍ର ଦ୍ୱାରା ପଥଚାରୀଙ୍କ ସହିତ ବିଭିନ୍ନ କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମିକ ଭାଇଭଉଣୀ ବିଶେଷ ଭାବେ ଉପକୃତ ହୋଇପାରିବେ। ଆଗାମୀ ବର୍ଷରେ ଆବଶ୍ୟକତାକୁ ଦେଖି ଅଧିକ ଜଳଛତ୍ର କେନ୍ଦ୍ର ଖୋଲାଯିବ। କାରଖାନାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଓ ଠିକା କର୍ମଚାରୀଙ୍କ ପାଇଁ କାରଖାନାର ବିଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଜଳଛତ୍ର କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ରାକେଶ ପାଠକ ଏହି କାର୍ଯ୍ୟକ୍ରମ ଆସନ୍ତା ଜୁନ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହିବ ଓ ଆଗାମୀ କିଛି ଦିନ ମଧ୍ୟରେ ଆଖପାଖରେ କମ୍ପାନୀ ପକ୍ଷରୁ ୨ଟି ସ୍ଥାୟୀ ସ୍ୱତଃଜଳ ଯୋଗାଣ ମେସିନ ସ୍ଥାପନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମେଟେରିଆଲ ବିଭାଗ ମୁଖ୍ୟ ବାଳକୃଷ୍ଣ ପାଣିଗ୍ରାହୀ, କ୍ରୟ ବିଭାଗ ମୁଖ୍ୟ ବିନୟ ପ୍ରସାଦ ଉପସ୍ଥିତ ରହି ପଥଚାରୀଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ। ପଥଚାରୀ ଓ ନିକଟବର୍ତ୍ତୀ ଗ୍ରାମବାସୀ ଏହି କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ କମ୍ପାନୀର ବିସ୍ଥାପନ ଓ ଥଇଥାନ ତଥା ବାହ୍ୟ ସମ୍ପର୍କ ବିଭାଗର ମିହିର କୁମାର ଦାସ ଓ ସଂଗୀତ ମହାପାତ୍ର ପରିଚାଳନା କରିଥିଲେ।

## କାମ ଆରମ୍ଭରୁ ରାସ୍ତା ଫାଟି ଆଁ

# ଅବଧି ଶେଷର ୬ ମାସ ପରେ ବି ସରିନି ଅଧା କାମ





ଦଶରଥପୁର,୨୭।୪(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର- ବାଡ଼କୁଆଁଳ ଆରଡି ରାସ୍ତାରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ନିର୍ମାଣ ଆରମ୍ଭରୁ ରାସ୍ତା ଫାଟି ଆଁ କଲାଣି। ମାସ ମାସ ଧରି ରାସ୍ତାରେ ଡଷ୍ଟ ଗୁଣ୍ଡ ପକାଇ ଠିକାଦାର ଛାଡ଼ିଦେବାରୁ ଅଞ୍ଚଳବାସୀଙ୍କୁ ଧୂଳିରେ ନୟାନ୍ତ ହେବାକୁ ପଡିଛି। ଏହି ପ୍ରକଳ୍ପ ପାଇଁ ଆରଡି ବିଭାଗ ପକ୍ଷରୁ ୮.୫୫୦ ମିଟର ରାସ୍ତା ସମ୍ପ୍ରସାରଣ ପାଇଁ ୮ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। କାମକୁ ମେସସ୍ ସତ୍ୟସାଇ କନଷ୍ଟ୍ରକନ୍ସ ସଂସ୍ଥାକୁ ଦିଆଯାଇଛି। ଏହା ୨୦୨୨ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହୋଇ ୨୦୨୩ ଅକ୍ଟୋବର ୨୫ ତାରିଖରେ ଶେଷ ହେବା କଥା। ମାତ୍ର ଅବଧିର ୬ ମାସ ବିତିଯାଇଥିଲେ ମଧ୍ୟ ଏଯାବତ ଅଧାକାର୍ଯ୍ୟ ଶେଷ ହୋଇନାହିଁ। ପୂର୍ବ ରାସ୍ତା ଉପରେ ସୁଖିଲା ଡଷ୍ଟ ଗୁଣ୍ଡ ଠିକାସଂସ୍ଥା ପକାଇଦେଇ ଚୁପ୍ ବସିଛି। ଖରାରେ ଶହ ଶହ ଗାଡି ପ୍ରତିଦିନ ଯାତାୟାତ ହେବା ଫଳରେ ପାଣି ପକା ନ ଯିବା କାରଣରୁ ଧୂଳି ଉଡୁଛି। ଏଣୁ ରାସ୍ତା ପାଖରେ ଥିବା ଘର ଓ ପଥଚାରୀ ଧୂଳିମାଡରେ ନୟାନ୍ତ ହେବାକୁ ପଡୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଡ଼କୁଆଁଳ ଓ ଦକ୍ଷିଣବନ୍ଧଠାରେ ଢଳାଇ କାମ ଚାଲିଛି। କାମ ଆରମ୍ଭରୁ ରାସ୍ତା ଫାଟି ଆଁ କଲାଣି। କେଉଁଠି କେଉଁଠି ମଧ୍ୟ ଦବିଯାଇଥିବା ଦେଖିବାକୁ ମିଳିଛି। ଯାହାକି ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଆଜି ସ୍ଥାନୀୟ ଲୋକେ ଢଳାଇ ହେଉଥିବା ସ୍ଥାନକୁ ବନ୍ଦ କରିଥିବା ଦେଖିବାକୁ ମିଳିଛି। ଶସ୍ତା ସିମେଣ୍ଟ ଓ ଏଷ୍ଟିମେଣ୍ଟ ଅନୁସାରେ କାର୍ଯ୍ୟ ନ ହେଲେ ଢଳାଇ ହୋଇପାରିନାହିଁ ବୋଲି ବୃନ୍ଦାବନ ଜେନା, ଉମେଶ ଜେନା, ବିଶ୍ୱଜିତ ରାୟ, ଅଜିତ ମହାନ୍ତି, ଅନୀଲ ରାୟ, ସତ୍ୟଜିତ ରାୟ, ଗଜେନ୍ଦ୍ର ବାରିକ ପ୍ରମୁଖ ଚେତାବନୀ ଦେଇଛନ୍ତି। କାର୍ଯ୍ୟ ସମୟରେ ବିଭାଗୀୟ ଜେଇ ଉପସ୍ଥିତ ନ କରିବାରୁ ଠିକାସଂସ୍ଥା ମନମୁଖୀ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଏଷ୍ଟିମେଣ୍ଟ ଅନୁସାରେ କାର୍ଯ୍ୟ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଜେଇ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ ସ୍ଥାନୀୟ ଲୋକଙ୍କ ଫୋନ ପାଇ ଘଟଣାସ୍ଥଳକୁ ଯାଇଥିଲି। ତଦନ୍ତ କରାଯାଇଛି। ଠିକ୍ ଭାବେ କାର୍ଯ୍ୟ କରିବାକୁ ଠିକାସଂସ୍ଥାକୁ ତାଗିଦ କରାଯାଇଥିବା କହିଛନ୍ତି।

# ନୂଆଗଡ଼ରୁ ପ୍ରଚାର ଆରମ୍ଭ କଲେ ଗୀତାଞ୍ଜଳି

ପାରାଦୀପ, ୨୭।୪(ସମିସ)

ପୁଣିଥରେ ଓଡ଼ିଶାରେ ସରକାର ଗଠନ କରିବ ବିଜେଡି, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ନେଇ ଓଡ଼ିଶାବାସୀ ବିଜୁ ଜନତା ଦଳକୁ ବହୁମତରେ ବିଜୟୀ କରାଇବେ ବୋଲି ନିର୍ବାଚନ ସଭାରେ ପ୍ରକାଶ କରିଛନ୍ତି ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ। ପାରାଦୀପ ଉପକଣ୍ଠରେ ଅବସ୍ଥିତ ନୂଆଗଡ଼ ପଞ୍ଚାୟତର ନୂଆଗଡ଼ ଗ୍ରାମରେ ଆୟୋଜିତ ପ୍ରଥମ ନିର୍ବାଚନ ସଭାରେ ଯୋଗଦେଇଛନ୍ତି ବିଜେଡି ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ। କୁଜଙ୍ଗ ବ୍ଲକ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁଢଳ କୁମାର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଆୟୋଜିତ ଏହି ନିର୍ବାଚନି ସଭାରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ସଂଖ୍ୟାରେ ଦଳୀୟକର୍ମୀ ଯୋଗଦେଇ ବିଧାୟକ ପ୍ରାର୍ଥିନୀଙ୍କୁ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ବିଗତ




ଦିନରେ ପାରାଦୀପ ନିର୍ବାଚନ ମଣ୍ଡଳୀରେ ବାର୍ଷିଆନ ରାଜନେତା ସ୍ୱର୍ଗତ ଦାମୋଦର ରାଉତ ଏବଂ ତାଙ୍କ ସୁପୁତ୍ର ସମ୍ବିତ ରାଉତରାୟ ବିଜୟ ଲାଭ କରିଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ଗୀତାଞ୍ଜଳି ରାଉତରାୟ ବିଧାୟକ ପ୍ରାର୍ଥିନୀ ଭାବରେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଗୀତାଞ୍ଜଳିଙ୍କ ହାତମୁଠାକୁ ଟାଣ କରିବା ସହିତ ବିପୁଳ ଭୋଟ ବ୍ୟବଧାନ ରେ ବିଜୟୀ କରିବାକୁ ଉପସ୍ଥିତ କର୍ମୀମାନେ ଆହ୍ୱାନ ଦେଇଥିଲେ। ତେବେ ପାରାଦୀପ ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର ପାଇଁ ମହିଳା ପ୍ରାର୍ଥୀନୀ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ସହିତ କିପରି ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ଗୁଡିକୁ ନେଇ ସାଧାରଣ ଭୋଟରମାନଙ୍କ ପାଖରେ ପହଞ୍ଚିବା ସହିତ ପାରାଦୀପ ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷୀତ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ହେଉ କିମ୍ବା ସ୍ଥାନୀୟ ଶିଳ୍ପାଞ୍ଚଳରେ ନିର୍ବାଚନମଣ୍ଡଳୀର ବେକାର ଯୁବକଯୁବତୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦେବା ସହିତ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜଳ ନିଷ୍କାସନ ସମସ୍ୟା ସମାଧାନ କରିବା ତାଙ୍କର ପ୍ରଥମ ଲକ୍ଷ ରହିବ ବୋଲି ବିଧାୟକ ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ କହିଛନ୍ତି। ଚଳିତ ସାଧାରଣନିର୍ବାଚନରେ ପାରାଦୀପ ନିର୍ବାଚନ ମଣ୍ଡଳୀରେ ଗୀତାଞ୍ଜଳି ରାଉତରାୟ ସର୍ବାଧିକ ବ୍ୟବଧାନରେ ବିଜୟୀ ହେବାନେଇ ଦଳୀୟ କର୍ମୀମାନେ ଆଶା ପୋଷଣ କରିଥିଲେ।

## 'ଭୁଲ ତୋର ଭୋଗୁଛି ମୁଁ' ନାଟକ ମଞ୍ଚସ୍ଥ



ଏରସମା, ୨୭।୪(ସମିସ): ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତ ସୁନାଡିଆ ଗ୍ରାମର ମା' ସୁନାଦେଇଙ୍କ ପୀଠରେ ମା' ସୁନାଦେଇ ଡ୍ରାମାଟିକ୍ କ୍ଲବ ପକ୍ଷରୁ ଷଷ୍ଠବାର୍ଷିକ ନାଟକ 'ଭୁଲ୍ ତୋର ଭୋଗୁଛି ମୁଁ' ପରିବେଷଣ କରାଯାଇଥିଲା। ଯାହାର ନିର୍ଦ୍ଦେଶନା ଦେଇଥିଲେ- କୁମାର ବିପ୍ଳବ, ରଚନା-ଦୀପକ ଜେନା, ସଙ୍ଗୀତ-ସନ୍ତୋଷ କୁମାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ନାଟକଟି ସଂଧ୍ୟାରେ ପ୍ରଥମେ ଯୁବ ସମାଜ ସେବୀ ସୁଦର୍ଶନ ରାଉତ, ଡାକ୍ତର ଦେବଦତ୍ତ ସାମନ୍ତରାୟ, ସୁଧାଂଶୁ ଶେଖର ସୂତାର ଫିତା କାଟି ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁଦର୍ଶନ ରାଉତ ଯୋଗଦେଇ ପ୍ରଥମେ ଏଭଳି ଏକ ସାଂସ୍କୃତିକ ମଞ୍ଚ ଆୟୋଜନ କରିଥିବା ମା' ସୁନାଦେଇ ଡ୍ରାମାଟିକ୍ କ୍ଲବର ସମସ୍ତ ସଦସ୍ୟ ଏବଂ ଗ୍ରାମର ମୁରବୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ମୁଁ ଏ ପଞ୍ଚାୟତ ର ପୁଅ ହିସାବରେ କହୁଛି ଆପଣମାନଙ୍କୁ ପ୍ରତିବର୍ଷ ମୁଁ ଏ ଅନୁଷ୍ଠାନ ପାଇଁ ସାହାଯ୍ୟ ସହଯୋଗର ହାତ ବଢେଇବି ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ସଂଳାପକାର ଡାକ୍ତର ଦେବଦତ୍ତ ସାମନ୍ତରାୟ ଓ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କବି ତଥା ଯୁବପ୍ରତିଭା ସୁଧାଂଶୁ ଶେଖର ସୂତାର ଯୋଗ ଦେଇଥିଲେ।

ଗ୍ରାମର ମୁରବୀ ଦୈତାରି ସ୍ୱାଇଁ, ବାବୁରାମ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ପାତ୍ର ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ନାଟକ ନିର୍ଦ୍ଦେଶକ ତଥା ଭଗବତ୍‌ପ୍ରେମୀ ଗଜେନ୍ଦ୍ର ମହାପାତ୍ର। ଗ୍ରାମର ରାଜେଶ ଦଳାଇ ନିଜ ଗାଁର ଥିବା ସାନ ଓ ବଡଭାଇ ମାନଙ୍କୁ ନେଇ କିପରି ଏ ଅନୁଷ୍ଠାନ ଶାନ୍ତି ଶୃଙ୍ଖଳିତ ଦେବ ସେଥିପାଇଁ ଦୀପକ ସ୍ୱାଇଁ, ରାକେଶ ଦଳାଇ, ପ୍ରତାପ ପାତ୍ର, ଅନନ୍ତ ନାୟକ, ବିକ୍ରମ ଜିତ୍ ନାୟକ, ରାଜେଶ ପାତ୍ର, ଅନିଲ୍ ସ୍ୱାଇଁ, ରମେଶ ଦଳାଇ, ବିକାଶ ପାତ୍ର, ବିଶ୍ୱଜିତ୍ ସ୍ୱାଇଁମାନଙ୍କ ସମେତ ସୁନାଡିଆ ଗ୍ରାମର ମୁରବୀ ଓ ଯୁବକମାନଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ଭାବରେ ପରିଚାଳନା କରିଥିଲେ।

## ଇଫ୍‌କୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ




ପାରାଦୀପ, ୨୭।୪(ସମିସ): ଇଫ୍‌କୋ ଡିଏଭି ସ୍କୁଲ, ପାରାଦୀପର ୨୦୨୩-୨୪ ବର୍ଷର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ସମ୍ମାନିତ ଅତିଥି ଭାବେ ଇଫ୍‌କୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ ଜେ ପଟେଲ, ଇଫ୍‌କୋର ପ୍ରଥମ ମହିଳା ମମତା ପଟେଲ, ସାଧାରଣ ପରିଚାଳକ (ଅର୍ଥ ବିଭାଗ) ଏମ୍ ଶ୍ରୀ ଡି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଦାସଗୁପ୍ତା ଓ ସମ୍ମାନିତ ଅତିଥି ଶ୍ରୀ ପଟେଲ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିବା ଅବସରରେ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍କୁଲ ତଥା ଅଭିଭାବକ ସାମୂହିକ ଉଦ୍ୟମର ଆବଶ୍ୟକତା ଉପରେ ଆଲୋଚନା କରିବା ସହ ବିଦ୍ୟାଳୟର କ୍ରମ ସଫଳତା ପାଇଁ ସନ୍ତୋଷ ପ୍ରକାଶ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଚିନାରା ଗତବର୍ଷ ସ୍କୁଲର ଛାତ୍ରଛାତ୍ରୀଙ୍କ ଅଭୂତପୂର୍ବ ସଫଳତା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସ୍କୁଲର ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ବୃତ୍ତି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ଶ୍ରୀମାନ କୁଶାଗ୍ରଦୀପଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବାର୍ଷିକ ପରୀକ୍ଷା ଫଳ ଅନୁଯାୟୀ ସମ୍ମାନିତ କରାଯାଇଥିଲା। ବାର୍ଷିକ ପରୀକ୍ଷା ଫଳ, ସର୍ବଗୁଣ ସମ୍ପର୍ଣ୍ଣ, ବାର୍ଷିକ କ୍ରୀଡା ଓ ସହ ପାଠ୍ୟକାର୍ଯ୍ୟରେ ସମସ୍ତ ବୃତ୍ତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲର ଛାତ୍ରଛାତ୍ରୀ ମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିଥିଲେ।ଶେଷରେ ଶିକ୍ଷକ ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।ଏଥିରେ ଶତାଧିକ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ମାନଗଣ୍ୟ ବ୍ୟକ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମ ର ସଫଳତାରେ ଓଡ଼ିଶା ଜୋନ ଡିଏଭି ସମୂହର ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥୀ ଏବଂ ଉପନିର୍ଦ୍ଦେଶକ ଡଃ ସୁଜାତା ଦାସ ସାମଗ୍ରିକ ଭାବରେ ଡିଏଭି ଇଫକୋ ପରିବାର ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଥିଲେ।

## ଅଙ୍ଗଦାନ ପାଇଁ ଚୁକ୍ତିକଲେ ଯୁବ ସମାଜସେବୀ

ପାରାଦୀପ, ୨୭।୪(ସମିସ): ନିଜ ବିବାହ ବାର୍ଷିକୀରେ ଅଙ୍ଗଦାନ ପାଇଁ ଚୁକ୍ତି କରି ଚର୍ଚ୍ଚାରେ ପାରାଦୀପ କୁଜଙ୍ଗ ଅଞ୍ଚଳର ଯୁବ ସମାଜସେବୀ ପ୍ରବୀର ପ୍ରଧାନ। ପାରାଦୀପ ଦୋଛକି ନିକଟରେ ରହିଥିବା ସାଇରାମ ଜରାଶ୍ରମ ଅନ୍ତେବାସୀମାନଙ୍କ ଗହଣରେ କେକ୍ କାଟି ନିଆରା ଢଙ୍ଗରେ ନିଜର ୧୫ ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି ପ୍ରବୀର। ସମାଜରେ ଜନ୍ମ, ମୃତ୍ୟୁ ଧ୍ରୁବସତ୍ୟ। ତେଣୁ ଜୀବନ ଚାଲିଗଲା ପରେ ପରିବାର ଲୋକେ ମୃତଶରୀରଟିକୁ ସଂସ୍କାର କରିଥାନ୍ତି। ମୃତ୍ୟୁପରେ ନିଜର ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଯଦି ଅକାଳରେ ଜୀବନ ହରାଉଥିବା ଜଣେ ବ୍ୟକ୍ତି ଦେହରେ ପ୍ରତିରୋପଣ କରାଯାଇ ଜଣେ ଲୋକ ବଞ୍ଚି ପାରୁଛି ଏହାଠାରୁ ବଡ଼ କଥା ଆଉ କିଛିନାହିଁ। ଅତୀତରେ ଏହି ବିବାହ ବାର୍ଷିକୀ ଅବସରରେ ଚନ୍ଦ୍ରପୃଷ୍ଠରେ ଜାଗା କିଣି ବେଶ ଚର୍ଚ୍ଚିତ ହୋଇଥିବା ପ୍ରବୀର ଆଜି ସପରିବାର ଜରାଶ୍ରମ ଅନ୍ତେବାସୀଙ୍କ ସହିତ ବିବାହବାର୍ଷିକୀ ପାଳନ କରି ବେଶ୍ ଖୁସି ବୋଲି କହିଛନ୍ତି।

## ସେଲୁନ୍‌ରୁ ଚୋରି

ବାଲିକୁଦା, ୨୭।୪(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦା ବଜାରରେ ଥିବା ଏକ ସେଲୁନ ଦୋକାନରୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ କବାଟ ତାଡି ଦୋକାନରେ ଲାଗିଥିବା ଇନ୍‌ଭର୍ଟର ସହ ବାକ୍ସରେ ଥିବା ଟଙ୍କା ଚୋରି କରି ନେଇଥିବା ବାଲିକୁଦା ଥାନାରେ ଦୋକାନୀ ପ୍ରସନ୍ନ କୁମାର ବାରିକ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ଏକ ମାମଲା ରୁଜୁ କରି ସନ୍ଧାନୀ କୁକୁର ସାହାଯ୍ୟତାରେ ତଦନ୍ତ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ଦୋକାନଠାରୁ୧୦୦ମିଟର ଦୂରରେ ଥିବା ବାଲିସାହି ଗ୍ରାମର ଗ୍ରାମ ଦେବତୀ ମା ଥାନପତିଙ୍କ ବରଗଛ ପାଖରେ ଶୋଇ ରହିଥିଲା। ତେଣୁ ଚୋରର କୌଣସି ସୁରାଗ ମିଳିପାରିନାହିଁ। ଏହି ବଜାରେ ରାତି ଜଗୁଆଳି ନିଯୁକ୍ତ କରାଯାଇଥିବାବେଳେ ମଧ୍ୟ ଚୋରି ହେଉଥିବାରୁ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

ଜଗତସିଂହପୁର, ୨୭।୪(ସମିସ): ମହାରାଜା ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୨ତମ ଜୟନ୍ତୀ ଶୁକ୍ରବାର ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପୁରୁଣାଗଡ଼ଠାରେ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱକରି କୃଷ୍ଣଚନ୍ଦ୍ର ଗଜପତିଙ୍କ ପରି ବରପୁତ୍ରଙ୍କୁ ଜନ୍ମ ଦେଇ ଉତ୍କଳ ମାଟି ଧନ୍ୟ ହୋଇଛି ବୋଲି କହିଥିଲେ।



ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ଦାସ କହିଥିଲେ ଯେ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଉଦ୍ୟମରେ ଶିକ୍ଷାର ବିକାଶ ପାଇଁ ଭୁବନେଶ୍ୱରରେ ଉତ୍କଳ ବିଶ୍ୱବିଦ୍ୟାଳୟ, କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତି ସହ କଟକର ବିଦ୍ୟାଧରପୁର ଧାନଗବେଷଣା କେନ୍ଦ୍ର ଆଦି ପ୍ରତିଷ୍ଠା ହୋଇପାରିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ସାହୁ, ସଞ୍ଜୟ ସାମନ୍ତସିଂହାର, ଅଞ୍ଜନ ଜେନା, ବ୍ରହ୍ମାନନ୍ଦ ତ୍ରିପାଠୀ ଆଲୋଚନାରେ ଅଂଶଗ୍ରହଣ କରି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଞ୍ଜବିହାରୀ ଓ ମହାବୀରଙ୍କୁ ଦର୍ଶନ କଲେ ସାରଦା



ଏରସମା, ୨୭।୪(ସମିସ): ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ଶୁକ୍ରବାର ସନ୍ଧ୍ୟାରେ, ଶତାଧିକ ସମର୍ଥକଙ୍କ ଗହଣରେ ପ୍ରସିଦ୍ଧ ଗଡ଼କୁଜଙ୍ଗର କୁଞ୍ଜବିହାରୀ ଓ ନୂଆଗାଁର ମହାବୀରଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ଏରସମା ୪ନଂ. ଜୋନର ଚଟୁଆ ପଞ୍ଜାବି ଛକ ଓ ବାଲିତୁଠ ବଜାରଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗତ ପଞ୍ଚାୟତ ନିର୍ବାଚନରେ ଏରସମା ୪ନଂ. ଜୋନର ଭାରତୀୟ ଜନତା ପାର୍ଟି ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଥିବା ଚଟୁଆ ପଞ୍ଚାୟତର ପଦ୍ମଲୋଚନ ଦାଶ ଏହି ଅବସରରେ ବିଜୁ ଜନତାଦଳରେ ସାମିଲ ହୋଇଛନ୍ତି। ଶ୍ରୀ ଜେନା ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ଝଙ୍କଡ଼ ସାହିତ୍ୟ ସଂସଦର ଚଇତି ଆସର




ତିର୍ତ୍ତୋଲ, ୨୭।୪(ସମିସ): ଝଙ୍କଡ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଚଇତି ମଲ୍ଲୀ ଆସର ଶାରଳାରୋଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଡ. ବିଷ୍ଣୁପ୍ରିୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରର ପ୍ରାରମ୍ଭରେ ସମ୍ପାଦକ ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସାହିତ୍ୟକ ନାରାୟଣ ନାୟକ, ମୁଖ୍ୟବକ୍ତା ଆଇନଜୀବୀ ପ୍ରଶାନ୍ତ କୁମାର ଦାସ, ସମ୍ମାନିତ ଅତିଥି କବି ଦେବେନ୍ଦ୍ର ନାଥ କର, ମନୋରଞ୍ଜନ ସ୍ୱାଇଁ ଓ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚଇତ ମାସର ବିଶେଷତ୍ୱ, ପର୍ବପର୍ବାଣୀ, ମଲ୍ଲୀଫୁଲର ସାହିତ୍ୟ ସହିତ ସମ୍ପୃକ୍ତି ବିଷୟରେ ଆଲୋକପାତ କରିଥିଲେ। ପରେ କବି ଦିଗମ୍ବର ରାଉତଙ୍କ ସଂଯୋଜନାରେ ସଙ୍ଗଠନ ସମ୍ପାଦକ ତଥା କବି ବାସବ ନନ୍ଦ, କୋଷାଧ୍ୟକ୍ଷ ଝୁଲରାମ ଦାସ, ନିତ୍ୟାନନ୍ଦ ନାୟକ, ପ୍ରଭାତ ପରିଜା, ହେମନ୍ତ ନାୟକ, ଅନା ମହାନ୍ତି, ବାସୁଦେବ ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାସଙ୍କ ସମେତ ୨୫ରୁ ଉର୍ଦ୍ଧ୍ୱ କବି ଚଇତି ମଲ୍ଲୀ ଉପରେ କବିତା ଆବୃତ୍ତି କରିଥିଲେ।

### ଉଦାସ ଆଶ୍ରମରେ ସାଧୁସନ୍ଥ ସମ୍ମିଳନୀ ଓ ଗୁରୁପୂଜା

# 'ଆଧ୍ୟାତ୍ମ୍ୟମାର୍ଗୀ ହେଲେ ପରମାତ୍ମାଙ୍କ ସନ୍ଧାନ ପାଇପାରିବେ'

ଜଗତସିଂହପୁର, ୨୭।୪(ସମିସ)

ଜଗତ୍‌ସିଂହପୁର ବ୍ଲକ କାଠୁଆପାଟଣା ଗ୍ରାମର ଉଦାସ ଆଶ୍ରମରେ ବ୍ରହ୍ମ ଏକାକ୍ଷର ବିଶ୍ୱଶାନ୍ତି ଯଜ୍ଞର ଅଷ୍ଟମ ଦିବସରେ ଆଶ୍ରମ ଅଧ୍ୟକ୍ଷ ବାବା ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ପୌରୋହିତ୍ୟରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାନବ ସମାଜର କଲ୍ୟାଣ ନିମନ୍ତେ ପରୋପକାରୀ ସହିତ ଆଧ୍ୟାତ୍ମ୍ୟ ମାର୍ଗୀ ହେଲେ ପରମାତ୍ମାଙ୍କ ସନ୍ଧାନ ପାଇପାରିବେ ବୋଲି କହିଥିଲେ।

ଏଥିରେ ଜଗନ୍ନାଥପୁର-ରେଢୁଆ କ୍ରିୟାଯୋଗ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସଂସାର ସାଗର ପାରିହେବା ପାଇଁ ତତ୍ତ୍ୱଗୁରୁଙ୍କ ସନ୍ଧାନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବାବା ଦିବ୍ୟଲୋଚନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କେନ୍ଦୁଝର, କେନ୍ଦ୍ରାପଡ଼ା, ଗଞ୍ଜାମ, ଅନୁଗୋଳ ଓ ଢେଙ୍କାନାଳ ପ୍ରଭୃତି ଜିଲ୍ଲାରୁ ୫୧ଜଣ ସାଧୁ, ମଠାଧୀଶ ଯୋଗଦେଇ ଭଗବାନଙ୍କୁ ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପଠନ କରି ନିଜକୁ ସର୍ବୋତ୍ତଭାବେ ଈଶ୍ୱରଙ୍କ ନିକଟରେ ସମର୍ପଣ କଲେ ପୁନର୍ଜନ୍ମ ହୋଇନଥାଏ ବୋଲି କହିଥିଲେ। ଏହିଅବସରରେ ସମସ୍ତ ସାଧୁସନ୍ଥଙ୍କୁ ଉଦାସ ଆଶ୍ରମ ତରଫରୁ ଅଙ୍ଗବସ୍ତ୍ର ଓ ପୁଷ୍ପହାର ଦେଇ ପଦବନ୍ଦନ କରାଯାଇଥିଲା। ଆଶ୍ରମ ପକ୍ଷରୁ ପ୍ରସ୍ତୁତ 'ଉଦାସ ଆଧ୍ୟାତ୍ମିକ ପାଠାଗାର'କୁ ମୁଖ୍ୟଅତିଥିଙ୍କ ସମେତ ଆର୍ତ୍ତତ୍ରାଣ ବାବା ଲୋକାର୍ପିତ କରିଥିଲେ। ଏହି ଅବସରରେ ୪୯ ବର୍ଷରେ ପଦାର୍ପଣ କରିଥିବା କନ୍ତାରସ୍ଥ ପାଠାଗାରର ପ୍ରତିଷ୍ଠାତା ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଓ ମନୋରମା ଦାଶ, ପ୍ରଫୁଲ୍ଲ ପାଠାଗାର ଆଶ୍ରମ ପାଟଣାର ବଂଶୀଧର ଆଚାର୍ଯ୍ୟ ଓ ବିଜୟ କୁମାର ପତି, ପତିତପାବନ ପାଠାଗାର ଖୋରତର ଅଶୋକ କୁମାର ମୁଦୁଲି, ବାଗସାହି ମନୋରମା ପାଠାଗାରର ସମ୍ପାଦିକା ମନୋରମା ଶତପଥୀ ଏବଂ ପାକନପୁର ରମାଦେବୀ ପାଠାଗାରର ସଭାପତି ଅଧ୍ୟାପକ ଭଗବାନ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମରୁ ଆସିଥିବା କଳାକାରଗଣ ସନ୍ତୋଷ ପାଢ଼ୀଙ୍କ ନେତୃତ୍ୱରେ ଭାରତ ଲୀଳାର "ସୁଭଦ୍ରା ପରିଣୟ" ବିଷୟଟି ଚମତ୍କାର ଭାବେ ପ୍ରଦର୍ଶନ କରିବା ସହିତ ସ୍ୱପ୍ନିଳକବି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ରଚିତ ଗୁରୁ ଓ ଆଶ୍ରମ ସମ୍ପର୍କିତ ଭଜନ "ଆସ କିଏସେ ଆସିବ ଗୋ" ତଥା ଗୁରୁ ଉଦାସ ଯମୁନା ଦାସଙ୍କ ଭଜନକୁ ସୁଲଳିତ କଣ୍ଠରେ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ପରେପରେ ଶ୍ରୀ ଯଜ୍ଞେଶ୍ୱରାନନ୍ଦ ଦାସ ମହାରାଜଙ୍କୁ ଗୁରୁପୂଜନ କ୍ରମରେ ଶହ ଶହ ଭକ୍ତ ବସ୍ତ୍ର, ପୁଷ୍ପହାର ସହ ଭକ୍ତିନୈବେଦ୍ୟ ଅର୍ପଣ ପୂର୍ବକ ଗୁରୁପୂଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନିରୁଦ୍ଧ ପୃଷ୍ଟି, ରବିନ୍ ଖଣ୍ଡାୟତରାୟ ପ୍ରମୁଖ ସହଯୋଗ କରିଥିଲେ।

## ଅସହ୍ୟ ଖରାରେ ଖଟୁଛନ୍ତି ଶ୍ରମିକ ଚିଠିକୁ ଚାହିଁ ବସିଛନ୍ତି ବନ୍ଦର କର୍ତ୍ତୃପକ୍ଷ



ପାରାଦୀପ, ୨୭।୪(ସମିସ): ଦିନ ୧୧ ଟା ପରେ କାମ ହୋଇ ପାରିବ ନାହିଁ। କାମ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟ ସରକାରଙ୍କ ଏହି ନିୟମକୁ ବନ୍ଦର ପ୍ରଶାସନ ଖୋଲା ଉଲ୍ଲଂଘନ କରିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ବନ୍ଦର କର୍ତ୍ତୃପକ୍ଷ ବେଫିକର। ସ୍ୱାଭାବିକ ଭାବେ ଶ୍ରମିକମାନେ ଖରାରେ କାମ କରୁଛନ୍ତି। ତେବେ ଏଭଳି ପରିସ୍ଥିତିରେ ଯଦି କିଛି ଅଘଟଣ ଘଟେ ତେବେ ଦାୟୀ କିଏ ରହିବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଖରା ଗରମରେ ଶ୍ରମିକମାନେ କାମ କରୁଛନ୍ତି।ଦିନ ୧୧ ଟା ପରେ କୌଣସି କାମ ପାରାଦୀପ ବନ୍ଦରାଞ୍ଚଳରେ ବନ୍ଦ ହେଉନି। କେଉଁଠି ନିୟମକୁ ମାନୁ ନାହାନ୍ତି ଅଧିକାରୀ ମାନେ। ଛାଇରେ ଚ୍ୟାର ପକାଇ ସୁପରଭାଇଜର ମାନେ ବସୁଥିବା ବେଳେ ଶ୍ରମିକ ମାନେ ଖରାରେ କାମ କରୁଛନ୍ତି। ପାରାଦୀପ ଭଳି ରାଜ୍ୟର ଶିଳ୍ପ ସମୃଦ୍ଧ ଅଞ୍ଚଳରେ ଏହା ଏକ ନିନ୍ଦନୀୟ ଘଟଣା। ତେବେ ଅଂଶୁଘାତର ଆଶଙ୍କା ଥିବାରୁ ଦିନ ୧୧ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଶ୍ରମିକ ମାନେ କାମ ନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାର ତଦାରଖ ପାଇଁ ସରକାରୀ ବାବୁମାନେ ସେଠାରେ ଅଛନ୍ତି। ତାଙ୍କ ଉପସ୍ଥିତିରେ ହିଁ କାମ କରୁଛନ୍ତି ଶ୍ରମିକ। ଏ ସମ୍ପର୍କରେ ବନ୍ଦର ପ୍ରଶାସନକୁ ପଚାରିଲେ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ଲିଖିତ ସୂଚନା ଆସିନଥିବା କହିଛନ୍ତି। ମାତ୍ର ରାଜ୍ୟ ସରକାର ଏନେଇ ଘୋଷଣା କରିବା ପରେ ଟିଭି, ଖବର କାଗଜରେ ପ୍ରକାଶ ପରେ ପୁଣି କ'ଣ ଲିଖିତ ନିର୍ଦ୍ଦେଶ ଆବଶ୍ୟକ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମା' ହିଙ୍ଗୁଳାଙ୍କ ବାର୍ଷିକ ଯଜ୍ଞ ଓ ଚଇତି ଯାତ

**କୁଆଖିଆ,୨୭।୪(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ଓ ଗନ୍ଧଣ ପଞ୍ଚାୟତ ସୀମାନ୍ତବର୍ତ୍ତୀ ଅଞ୍ଚଳର ବଇଁଚ ପଡ଼ିଆରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ହିଙ୍ଗୁଳାଙ୍କ ୬୫ତମ ବାର୍ଷିକ ଯଜ୍ଞ ଓ ଚଇତି ଯାତ୍ରାର ପୂର୍ଣ୍ଣାହୁତି ହୋଇଛି। ମା' ହିଙ୍ଗୁଳା ଭକ୍ତଙ୍କୁ ସରସ୍ୱତୀ ବେଶରେ ଦର୍ଶନ ଦେଇଥିଲେ। ଶ୍ୱେତ ବସ୍ତ୍ରଧାରୀ ମା' ଧବଳ ମୁଖିଙ୍କ ଅନୁପମ ବେଶ, ଆଭୂଷଣ ଅତ୍ୟନ୍ତ ମନୋରମ ଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଅପୂର୍ବ ବେଶକୁ ଦେଖି ଅଭିଭୁତ ହୋଇଥିଲେ। ପୂର୍ଣ୍ଣାହୁତିରେ ଯଜ୍ଞକୁଣ୍ଡରେ ଶେଷ ଆହୁତି ଓ ପୂଜାବିଧିକୁ ଦର୍ଶନ କରିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଭିଡ ଜମାଇଥିଲେ। ପ୍ରାତଃରୁ ମା'ଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ ମାଜଣା କରିବା ପରେ ବଡ଼ସିଂହାର ବେଶରେ ପୂଜା କରାଯାଇଥିଲା। ସକାଳ ଧୂପ ଓ ଭୋଗ ଆଦି ଅର୍ପଣ ପରେ ମା'ଙ୍କ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସେବକ ଭଣ୍ଡାର ଘରୁ ମା'ଙ୍କ ଅଳଙ୍କାର, ଅଙ୍ଗବସ୍ତ୍ର ଆଣି ବେଢାରେ ପହଞ୍ଚାଇ ଥିଲେ। ମା' ହିଙ୍ଗୁଳା ସରସ୍ୱତୀ ବେଶ ଧାରଣ କରିବା ପରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ସକାଳ ଓ ସନ୍ଧ୍ୟା ସମୟରେ ଆଳତୀ ଉତ୍ସବରେ ଭକ୍ତଙ୍କ ବିଶେଷ ସମାବେଶ ହୋଇଥିଲା। ଯଜ୍ଞ ଶେଷରେ କୁଣ୍ଡରେ ପାଟ ଓ ଝୋଟ ଆହୁତି ଦିଆଯାଇଥିଲା। ମଣ୍ଡପ ଉପରେ ବନ୍ଧା ହୋଇଥିବା ପାଟ କପଡାରେ ଯଜ୍ଞାଗ୍ନି ସଂଯୋଗ ହେଲେ ସେ ବର୍ଷ ଚାଷକାର୍ଯ୍ୟ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହୋଇ ନ ଥାଏ। ଝୋଟରେ ଅଗ୍ନି ସଂଯୋଗ ଅନୁକୂଳ ପାଣିପାଗ ଓ ଉନ୍ନତ କୃଷିକାର୍ଯ୍ୟର ସୂଚନା ଦେଇଥିବାର ବିଶ୍ୱାସ ସାଧାରଣ ଲୋକଙ୍କ ମନରେ ରହିଆସୁଛି।

ବିରଜା ସ୍କୁଲ ଓ ନର୍ସିଂ କଲେଜ

# ବିଶ୍ୱସ୍ୱାସ୍ଥ୍ୟ ଦିବସ ଅବସରରେ ରଙ୍ଗୋଲୀ ଓ ଖାଦ୍ୟ ପ୍ରଦର୍ଶନୀ



**ଯାଜପୁର, ୨୭।୪ (ସମିସ):** ଯାଜପୁର ସହରର ମାନସାପୋଲ ନିକଟରେ ଥିବା ବିରଜା ସ୍କୁଲ ଓ ନର୍ସିଂ କଲେଜରେ ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନର୍ସିଂ ଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ରଙ୍ଗୋଲୀ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ସଂପର୍କରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ୨ଶହ ପ୍ରକାରର ଖାଦ୍ୟ ପ୍ରଦର୍ଶନ ଓ ବିଭିନ୍ନ ମଡେଲ୍ ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରିଣୀ ବିଜୟଲକ୍ଷ୍ମୀ ଦଣ୍ଡପାଣି ଓ ସହ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ରଶ୍ମିରେଖା ବେହେରା ପରିଚାଳନା କରିଥିବାବେଳେ କଲେଜର ସହକର୍ମୀ ସୁଶ୍ରୀ ପ୍ରିୟଙ୍କା ଦାସ, ପୁଷ୍ପଲତା ମହନ୍ତ, ସ୍ୱର୍ଣ୍ଣପ୍ରଭା ସାହୁ, ସୁପ୍ରିୟା ଜେନା, ଜିଜ୍ଞାସା ସାମଲ, ଅନନ୍ୟା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିରଜା ସ୍କୁଲ ଓ ନର୍ସିଂ କଲେଜ ଅଧ୍ୟକ୍ଷ ପରେଶ ମଲ୍ଲିକ ଓ ନିର୍ଦ୍ଦେଶକ ଶ୍ୟାମସୁନ୍ଦର କରଙ୍କ ମାର୍ଗଦର୍ଶନରେ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବରୀରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ବିଜେପିକୁ ଅଡୁଆ

**ବରୀ,୨୭।୪(ସମିସ):** ଯାଜପୁର ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ସବୁବେଳେ ଚର୍ଚ୍ଚା ରହି ଆସିଥିବା ବରୀ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଥିଲେ ମଧ୍ୟ ବିଜେପି ଘୋଷଣା କରିନି। ଯେତେ ବିଳମ୍ବ ହେଉଛି ବିଜେପିରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ତାହା ଏବେ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଉମେଶ ଚନ୍ଦ୍ର ଜେନା ବିଜେପିରେ ଯୋଗ ଦେବା ପରେ ସେ ଦଳୀୟ ପ୍ରାର୍ଥୀ ହେବା ଏକ ପ୍ରକାର ଚୂଡ଼ାନ୍ତ ହୋଇଥିବା ଚର୍ଚ୍ଚା ହେଉଥିଲା। ଶ୍ରୀ ଜେନା ଅନେକ ସମୟରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ସଂଗଠନକୁ ସୁଦୃଢ କରିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ଏହି ଚର୍ଚ୍ଚା ଚାଲିଥିବା ସମୟରେ ବରୀର ଚାରି ଚାରିଥର ବିଜେଡି ଟିକଟ୍‌ରେ ବିଧାୟକ ଓ ମନ୍ତ୍ରୀ ହୋଇଥିବା ଦେବାଶିଷ ନାୟକ ବିଜେପିରେ ଯୋଗ ଦେବା ପରେ ତାଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ଉମେଶ କିମ୍ବା ଦେବାଶିଷଙ୍କୁ ଛାଡ଼ିଦେଲେ ଟିକଟ୍ ଦୌଡ଼ରେ ଯୁବନେତା କବିର ଦାସ, ବିବେକାନନ୍ଦ ଜେନା ଓ ପୂର୍ବରୁ ଟିକେଟ୍ ପାଇ ପରାସ୍ତ ହୋଇଥିବା ଆଶୁତୋଷ ପରିଡାଙ୍କ ନାମ ଯୋଡି ହୋଇଥିଲା। କେବଳ ଏତିକି ନୁହେଁ ବିଜେପିରେ ବିଜେଡି ଛାଡି ସାମିଲ ହୋଇଥିବା ଅଭିନେତା ତଥା କେନ୍ଦ୍ରପଡ଼ା ସାଂସଦ ଅନୁଭବ ମହାନ୍ତି ଓ ଅରିନ୍ଦମ ଦାସଙ୍କୁ ଦଳ ବରୀରେ ପ୍ରାର୍ଥୀ କରି ବିଜେଡି ଓ କଂଗ୍ରେସକୁ କଡ଼ା ଟକ୍କର ଦେବା ପାଇଁ ଚିନ୍ତା କରୁଥାଇପାରେ ବୋଲି ରାଜନୈତିକ ସମୀକ୍ଷକ ପୂର୍ବାନୁମାନ କରୁଛନ୍ତି। ଦିନକୁ ଦିନ ଆଶାୟୀଙ୍କ ସଂଖ୍ୟା ବଢୁଥିବାରୁ ଦଳ କାହାକୁ ବରୀରେ ପ୍ରାର୍ଥୀ କରିବ, ସେ ନେଇ ଦ୍ୱନ୍ଦ୍ୱରେ ଥିବା କୁହାଯାଉଛି।

## ସାଧାରଣ ନିର୍ବାଚନ ପରିଚାଳନା ପ୍ରସ୍ତୁତି

# ୧୬୦୦ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ



**ଯାଜପୁର,୨୭।୪(ସମିସ):** ଜିଲ୍ଲା ସଦର ମହକୁମାସ୍ଥ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ନିର୍ବାଚନରେ ମତଦାନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜିଲ୍ଲାର ଧର୍ମଶାଳା, ବଡ଼ଚଣା, ବରୀ ବ୍ଲକରେ ଆସନ୍ତା ଜୁନ୍ ୧ ତାରିଖ ମତଦାନ ଦିବସରେ ବୁଥ୍ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ ନିମନ୍ତେ ୧୬୦୦ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ୧୯ଟି ପ୍ରଶସ୍ତ କକ୍ଷ ଓ ୩ଟି ଗ୍ୟାଲେରୀରେ ଆଜି ତୃତୀୟ ଦିବସ ପୂର୍ବାହ୍ନରେ ତାଲିମ ପ୍ରଦାନ କରାଯାଇଛି।

ଏହି ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଳ ପବନ କଲ୍ୟାଣ, ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଡେପୁଟୀ କଲେକ୍ଟର (ନିର୍ବାଚନ) ରଶ୍ମୀରଞ୍ଜନ ମଲ୍ଲିକ, ଶାଶ୍ୱତୀ ସାଡୁଆଳ ଓ ଯାଜପୁର ବିଡିଓ ସ୍ୱାଗତ ଦାସ ପରିଚାଳନା କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଧର୍ମଶାଳା ବିଡିଓ, ଦେବେନ୍ଦ୍ର ପ୍ରସାଦ ବଳ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ବରୀ ବିଡିଓ ପଞ୍ଚାନନ ମଲ୍ଲିକ, ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଧର୍ମଶାଳା ଅତିରିକ୍ତ ତହସିଲଦାର ଭବେଶ ମାଝି, ବରୀ ଅତିରିକ୍ତ ତହସିଲଦାର କଲୋଲା ମିଶ୍ର, ବରୀ ଏବିଡିଓ ମହେଶ୍ୱର ସେଠୀ, ଧର୍ମଶାଳା ଏବିଡିଓ ଅସିତ୍ କୁମାର ପାତ୍ର, ବଡ଼ଚଣା ଏବିଡିଓ ରଞ୍ଜନ କୁମାର ବେହେରାଙ୍କ ସମେତ ସଂପୃକ୍ତ ବ୍ଲକର ଏବିଇଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମଙ୍ଗଳ ସଂପ୍ରସାରଣ ଅଧିକାରୀ, ଏପିଓ, ବିଏସ୍‌ଏସ୍‌ଓ, ଆର୍‌ଆଇ, ପିଏ ଓ ଆର୍‌ଏସ୍ ସାମିଲ ଥିଲେ।

ମାଷ୍ଟରଟ୍ରେନରଙ୍କ ୧୦୮୮ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ରିଫ୍ରେସର ଟ୍ରେନିଂ, ୫୦୧ ଜଣ ନୂତନ ଭାବେ ନିଯୁକ୍ତି ପାଇଥିବା ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସର ଓ ଗତ ୨୫ ଓ ୨୬ ତାରିଖରେ ଯେଉଁମାନେ ଟ୍ରେନିଂରେ ଅନୁପସ୍ଥିତ ଥିଲେ ସେମାନଙ୍କୁ ନେଇ ମୋଟ ୧୬୦୦ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ଆଜି ଶେଷ ପର୍ଯ୍ୟାୟରେ ତାଲିମ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତଦାନ ଦିବସ ଦିନ ପର୍ଯ୍ୟାୟ କ୍ରମେ ସମସ୍ତ କାର୍ଯ୍ୟ ଓ ଦାୟିତ୍ୱବୋଧତାର ସହ ନିର୍ବାଚନ ଆଦର୍ଶ ଆଚରଣବିଧି ଅନୁଯାୟୀ ଭୋଟ କେନ୍ଦ୍ରରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ମକ୍‌ପୋଲ କରିବା, ଷ୍ଟାଚ୍ୟୁଟାରୀ ଓ ନନ୍-ଷ୍ଟାଚ୍ୟୁଟାରୀ ସାମଗ୍ରୀର ବ୍ୟବହାର ଆଦି ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତ୍ୟେକ ବୁଥ୍‌ର ୧୦୦ ମିଟର ଚତୁଃପାଶ୍ୱର୍ରେ କୌଣସି ପୋଷ୍ଟର ମାରିବା ତଥା ପ୍ରଚାରଜନିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ ନାହିଁ ବୋଲି ମାଷ୍ଟର ଟ୍ରେନର ପ୍ରିଜାଇଡିଂ ଓ ଫାଷ୍ଟ ଅଫିସରଙ୍କୁ ବୁଝାଇଥିଲେ। ମତଦାନ କକ୍ଷରେ ବାଲାଟ୍ ୟୁନିଟ୍ ରହୁଥିବା ସ୍ଥାନକୁ ବୁଥ୍ ନିମନ୍ତେ ନିଯୁକ୍ତି କର୍ମଚାରୀ, ଏଜେଣ୍ଟ ସମସ୍ତଙ୍କ ପାଇଁ ଗୋପନୀୟତା ବଜାୟ ରଖିବା ନିମନ୍ତେ ୩ ପାଶ୍ୱର୍ ଆବଦ୍ଧ କରିବା ଓ ସେହି କକ୍ଷ ସଂଲଗ୍ନ ସମସ୍ତ ଝରକା, କବାଟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମତଦାନ ସରିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରିଜାଇଡିଂ ଅଫିସର ପ୍ରାର୍ଥୀଙ୍କ ଏଜେଣ୍ଟ ସମ୍ମୁଖରେ ସେହି ବୁଥ୍‌ର ଇଭିଏମ୍‌କୁ ସିଲ୍ କରିବା, ମାର୍କଡ କପି ଅଫ୍ ଇଲେକ୍ଟୋରାଲ ରୋଲ ଓ ଭୋଟର ସ୍ଲିପ୍ ଆଦି ଷ୍ଟାଚ୍ୟୁଟାରୀ ଓ ନନ୍-ଷ୍ଟାଚ୍ୟୁଟାରୀ ସାମଗ୍ରୀକୁ ସିଲ୍ କରିବାକୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ ବୁଥ୍‌ର ଇଭିଏମ୍ ଓ ଜଉମୁଦ ପଦାର୍ଥକୁ ସଂପୃକ୍ତ ନିର୍ବାଚନ ମଣ୍ଡଳୀର ଏନ୍‌ସି କଲେଜ ପରିସରରେ ଆର୍‌ଓଙ୍କ ପ୍ରାପ୍ତି କାଉଣ୍ଟରରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ବରୁଣ୍ଡେଇ ପଞ୍ଚାୟତର ଏସ୍‌ଏଚ୍‌ଜି ମହାସଂଘ ପକ୍ଷରୁ ଜଳଛତ୍ର



**କୋରେଇ,୨୭।୪(ସମିସ):** ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପ ସହିତ ପ୍ରବଳ ଗୁଳୁଗୁଳି ଜୀବନ ଯାତ୍ରାକୁ ପ୍ରଭାବିତ କରୁଛି। ସକାଳ ୯ଟା ପରେ ଘରୁ ପଦାକୁ ବାହାରିବା ଏକ ପ୍ରକାର ମୁସ୍କିଲ ହୋଇପଡୁଛି। ତେବେ ଦୈନନ୍ଦିନ କାମ ନିମନ୍ତେ ବାଧହୋଇ ବାହାରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି କୋରେଇ ବ୍ଲକର ଅନେକ ପଞ୍ଚାୟତ, ଛକ ସ୍ଥାନରେ ପଥଚାରୀଙ୍କୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ବରୁଣ୍ଡେଇ ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀ ମହାସଙ୍ଘର ମାଆମାନେ ପ୍ରାଣକୃଷ୍ଣ ମହାବିଦ୍ୟାଳୟ ପାଖରେ ପଥଚାରୀଙ୍କ ନିମନ୍ତେ ଏକ ଜଳଛତ୍ର କେନ୍ଦ୍ର ଖୋଲିଛନ୍ତି। ଉକ୍ତ ରାସ୍ତା ଦେଇ ଯାଉଥିବା ବାଟୋଇ ପାଣି ପିଇ ତୃଷ୍ଣା ମେଣ୍ଟାଉଥିବା ଦେଖିବାକୁ ମିଳୁଛି। ମହାସଂଘର ଇସି ମେମ୍ବର ସ୍ୱାଗତିକା ପାତ୍ର, ମମତା ଯେନା, ଝରଣା ସାହୁ, ସଂଯୁକ୍ତା ପରିଡା, ପ୍ରଣତୀ ଖଣ୍ଡେଇ, ଜ୍ୟୋତିପ୍ରଭା ଖଣ୍ଡେଇ, ମରୁଆଲତା ଖଣ୍ଡେଇ, ନାଜିଆ ବିବି, ମହାସଂଘର ସଭାପତି ଶାନ୍ତିଲତା ପଣ୍ଡା, ସମ୍ପାଦିକା ହିମାନୀ ଯେନା, ସିଆରପି ରଶ୍ମିତା ପଣ୍ଡା, ପ୍ରମିଳା ଯେନା, ସସ୍ମିତା ନାୟକ, ଝରଣା ପତି, ଗସିଆ ବିବିଙ୍କ ସହିତ ଏମ୍ବିକେ ବନଜାବାସିନୀ ସାହୁ ଯୋଗ ଦେଇଥିଲେ।

## ଫତେପୁରରେ ବିଜେଡି ବୈଠକ

# ପ୍ରମିଳାଙ୍କ ପାଇଁ ପ୍ରଚାର ମଇଦାନରେ ଛାତ୍ର ସଂଗଠନ



**ପ୍ରୀତିପୁର,୨୭।୪ (ସମିସ):** ସାଧାରଣ ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ରାଜନୈତିକ ହାୱା ତୀବ୍ର ହେଉଛି। ଚଳିତ ସାଧାରଣ ନିର୍ବାଚନରେ ବିଞ୍ଝାରପୁର ବିଧାନସଭା ଆସନ ପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନିଜର ରଣନୀତି ପ୍ରସ୍ତୁତ କରି ପ୍ରଚାର ମଇଦାନକୁ ଓହ୍ଲାଇଥିବାବେଳେ ଏବେ ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରମିଳା ମଲ୍ଲିକଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛି ଛାତ୍ର ବିଜେଡି। ବିଜେଡିର ପ୍ରଭାବଶାଳୀ ଛାତ୍ର ନେତା ଲେନିନ୍ ଦାସଙ୍କ ନେତୃତ୍ୱରେ ଛାତ୍ର ସଂଗଠକ ପ୍ରତି ଗାଁରେ ପ୍ରମିଳାଙ୍କ ପାଇଁ ପ୍ରଚାର ମଙ୍ଗ ଧରିବେ।

ଆଜି ଫତେପୁରସ୍ଥ ସୋନୀ ମଣ୍ଡପରେ ଛାତ୍ର ବିଜେଡି ସଭାପତି ଲେନିନ୍ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକ ଯୋଗଦେଇ ଛାତ୍ରଙ୍କୁ ଗୁରୁମନ୍ତ୍ର ଦେବା ସହିତ ମୁଖ୍ୟମନ୍ତ୍ରୀ ନବୀନ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ଘରେ ଘରେ ପହଞ୍ଚାଇବା ସହିତ ବିଞ୍ଝାରପୁର ଅଞ୍ଚଳର ବିକାଶ ତାଲିକା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଛାତ୍ରନେତା ଲେନିନ୍ ଦାସ ବିଞ୍ଝାରପୁର ଅଞ୍ଚଳର ଜଣେ ଲୋକପ୍ରିୟ ସଂଗଠକ ହୋଇଥିବାବେଳେ ତାଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ଶହ ଶହ ଛାତ୍ରଛାତ୍ରୀ ପ୍ରମିଳା ମଲ୍ଲିକଙ୍କ ପ୍ରଚାର ମଙ୍ଗ ଧରିବାକୁ ଆଗଭର ହୋଇଛନ୍ତି। ବିଞ୍ଝାରପୁର ଅଞ୍ଚଳରେ ଅନେକ ସମୟରେ ଅସହାୟଙ୍କଠାରୁ ଆରମ୍ଭ କରି ଅଭାବ ଅସୁବିଧାରେ ପଡିଥିବା ଲୋକଙ୍କ ନିକଟରେ ଲେନିନ୍ ଠିଆହୋଇ ଅନେକ ଲୋକପ୍ରିୟତା ହାସଲ କରିଛନ୍ତି। ଲେନିନ୍‌ଙ୍କ ନେତୃତ୍ୱରେ ଛାତ୍ର ସଂଗଠନ ପ୍ରମିଳାଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବା ବିରୋଧିଙ୍କ ଶିବିରରେ ହଲଚଲ ସୃଷ୍ଟି କରିଥିବାବେଳେ ପ୍ରମିଳାଙ୍କ ପାଇଁ ବେଶ୍ ଲାଭଦାୟକ ହେବ ବୋଲି କୁହାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ନନ୍ଦକିଶୋର ସାମଲ, ବ୍ଲକ ଅଧ୍ୟକ୍ଷା ରଂଜିତା ଦାସ, ଉପାଧ୍ୟକ୍ଷ ସେକ ଏରସାଦ, ଜିଲ୍ଲା ପରିଷଦ ସଭ୍ୟା ସୁନୀତା ନାୟକ, ମୁରଲୀ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ର ସଂଗଠକ ଯୋଗଦେଇଥିଲେ।

## ଜାରକା ବଜାରରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲାପାଳଙ୍କ କଟକଣା

# ସକାଳ ୮ରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଚଳାଚଳ ନିଷିଦ୍ଧ

**ଧର୍ମଶାଳା, ୨୭।୪(ସମିସ):** ଜାରକା ବଜାର ଦେଇ ଭାରୀଯାନ ଚଳାଚଳ କରିବା ଦ୍ୱାରା ରାସ୍ତା ଅବରୋଧ ହେବା ସହ ଅତ୍ୟାବଶ୍ୟକ ଯାନ ଯାତାୟାତରେ ସମସ୍ୟା ଓ ଦୁର୍ଘଟଣାର କାରଣ ହେଉଛି। ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ତାଙ୍କ କ୍ଷମତା ପରିସରଭୁକ୍ତ ମୋଟର ଯାନ ଆକ୍ଟ ୧୯୮୮ର ଧାରା ୧୧୫, ୧୧୬, ୧୧୭ ଓ ଓଡିଶା ମୋଟର ଯାନ ନିୟମ ୧୯୯୩ର ଅଧିନିୟମ ୬୩ ଓ ୯୩ ଅନୁଯାୟୀ ଜାରକା କଲେଜରୁ ଜାତୀୟ ରାଜପଥ ୧୬ ଜାରକା ବଜାର ମଧ୍ୟ ଦେଇ ଓ ବିପରୀତ ପାଖ ଜାତୀୟ ରାଜପଥ ୧୬ (ଫ୍ଲାଏଓଭର)ରୁ ଜାରକା ବଜାର ଆରମ୍ଭ ସ୍ଥାନ ପର୍ଯ୍ୟନ୍ତ ସକାଳ ୮ରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳକୁ ନିଷିଦ୍ଧ କରିଛନ୍ତି। ସମସ୍ତ ଭାରିଯାନ ଜାରକା କଲେଜରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ବାଇପାସ ରାସ୍ତା ଆରମ୍ଭ ସ୍ଥାନ ଓ ବିପରୀତ ଜାତୀୟ ରାଜପଥ ପାଖ କେନାଲ ରାସ୍ତାରୁ ଜାତୀୟ ରାଜପଥ ୧୬ ମଧ୍ୟଦେଇ ଯାତାୟାତ କରିପାରିବେ। ଜିଲ୍ଲାପାଳଙ୍କ ଏହି ନିଷେଧାଜ୍ଞା ୨।୫।୨୦୨୪ରୁ ୩୧।୫।୨୦୨୪ ପର୍ଯ୍ୟନ୍ତ ଏକ ମାସ ପାଇଁ ବଳବତ୍ତର ରହିବ। ଏହା ସମସ୍ତ ଜନସାଧାରଣ, ଭାରିଯାନ ଚାଳକ ଓ ଭାରିଯାନ ଚାଳକ ସଂଘଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି।

# ସାମ୍ବାଦିକ ହରିହର ବାରିକ ବିଜେଡିରେ ସାମିଲ

**ଟମକା,୨୭।୪(ସମିସ):** ସାରା ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି। ଏଥିସହ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ କାର୍ଯ୍ୟଦକ୍ଷତାରେ ଅନୁପ୍ରାଣିତ ହୋଇ ଗୋବର୍ଦ୍ଧନପୁର ପଞ୍ଚାୟତର ବରିଷ୍ଠ ସାମ୍ବାଦିକ ହରିହର ବାରିକ ଦାନଗଦି ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଘଡ଼ାଇ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ବାରିକ ବିଜେଡିରେ ମିଶିବା ଦ୍ୱାରା ଯୁବ ସମାଜ, ସଚେତନ ନାଗରିକଙ୍କ ପ୍ରତି କିଛି ପ୍ରଭାବ ପଡିବ। ଯାହା ବିଜେଡିକୁ ଅଧିକ ଫାଇଦା ହେବ ବୋଲି ରାଜନୀତି ସମୀକ୍ଷକ ପ୍ରକାଶ କରିଛନ୍ତି।

# ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ଼ ପକ୍ଷରୁ ଜଳଛତ୍ର କେନ୍ଦ୍ର




**ଦାନଗଦି,୨୭।୪(ସମିସ):** ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ଼ କଳିଙ୍ଗନଗର ପକ୍ଷରୁ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ରାଜ୍ୟ ରାଜପଥ ୨୦ର ଜିନ୍ଦଲ ମେନଗେଟ ପାର୍କିଂ ନିକଟରେ ଏକ ଜଳଛତ୍ର କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରି କାରଖାନାର ଅର୍ଥ ବିଭାଗ ମୁଖ୍ୟ ସୁନୀଲ ଅଗ୍ରୱାଲ ତୃଷାର୍ତ୍ତ ପଥଚାରୀଙ୍କୁ ଶୁଦ୍ଧ ଓ ଶୀତଳ ପାନୀୟ ଜଳ ବଣ୍ଟନ କରି କହିଲେ, ଏହି କେନ୍ଦ୍ର ଦ୍ୱାରା ପଥଚାରୀଙ୍କ ସହିତ ବିଭିନ୍ନ କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମିକ ଭାଇଭଉଣୀ ବିଶେଷ ଭାବେ ଉପକୃତ ହୋଇପାରିବେ। ଆଗାମୀ ବର୍ଷରେ ଆବଶ୍ୟକତାକୁ ଦେଖି ଅଧିକ ଜଳଛତ୍ର କେନ୍ଦ୍ର ଖୋଲାଯିବ। କାରଖାନାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଓ ଠିକା କର୍ମଚାରୀଙ୍କ ପାଇଁ କାରଖାନାର ବିଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଜଳଛତ୍ର କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ରାକେଶ ପାଠକ ଏହି କାର୍ଯ୍ୟକ୍ରମ ଆସନ୍ତା ଜୁନ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହିବ ଓ ଆଗାମୀ କିଛି ଦିନ ମଧ୍ୟରେ ଆଖପାଖରେ କମ୍ପାନୀ ପକ୍ଷରୁ ୨ଟି ସ୍ଥାୟୀ ସ୍ୱତଃଜଳ ଯୋଗାଣ ମେସିନ ସ୍ଥାପନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମେଟେରିଆଲ ବିଭାଗ ମୁଖ୍ୟ ବାଳକୃଷ୍ଣ ପାଣିଗ୍ରାହୀ, କ୍ରୟ ବିଭାଗ ମୁଖ୍ୟ ବିନୟ ପ୍ରସାଦ ଉପସ୍ଥିତ ରହି ପଥଚାରୀଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ। ପଥଚାରୀ ଓ ନିକଟବର୍ତ୍ତୀ ଗ୍ରାମବାସୀ ଏହି କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ କମ୍ପାନୀର ବିସ୍ଥାପନ ଓ ଥଇଥାନ ତଥା ବାହ୍ୟ ସମ୍ପର୍କ ବିଭାଗର ମିହିର କୁମାର ଦାସ ଓ ସଂଗୀତ ମହାପାତ୍ର ପରିଚାଳନା କରିଥିଲେ।

## କାମ ଆରମ୍ଭରୁ ରାସ୍ତା ଫାଟି ଆଁ

# ଅବଧି ଶେଷର ୬ ମାସ ପରେ ବି ସରିନି ଅଧା କାମ






**ଦଶରଥପୁର,୨୭।୪(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର- ବାଡ଼କୁଆଁଳ ଆରଡି ରାସ୍ତାରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ନିର୍ମାଣ ଆରମ୍ଭରୁ ରାସ୍ତା ଫାଟି ଆଁ କଲାଣି। ମାସ ମାସ ଧରି ରାସ୍ତାରେ ଡଷ୍ଟ ଗୁଣ୍ଡ ପକାଇ ଠିକାଦାର ଛାଡ଼ିଦେବାରୁ ଅଞ୍ଚଳବାସୀଙ୍କୁ ଧୂଳିରେ ନୟାନ୍ତ ହେବାକୁ ପଡିଛି। ଏହି ପ୍ରକଳ୍ପ ପାଇଁ ଆରଡି ବିଭାଗ ପକ୍ଷରୁ ୮.୫୫୦ ମିଟର ରାସ୍ତା ସମ୍ପ୍ରସାରଣ ପାଇଁ ୮କୋଟି ୩୧ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। କାମକୁ ମେସସ୍ ସତ୍ୟସାଇ କନଷ୍ଟ୍ରକନ୍ସ ସଂସ୍ଥାକୁ ଦିଆଯାଇଛି। ଏହା ୨୦୨୨ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହୋଇ ୨୦୨୩ ଅକ୍ଟୋବର ୨୫ ତାରିଖରେ ଶେଷ ହେବା କଥା। ମାତ୍ର ଅବଧିର ୬ ମାସ ବିତିଯାଇଥିଲେ ମଧ୍ୟ ଏଯାବତ ଅଧାକାର୍ଯ୍ୟ ଶେଷ ହୋଇନାହିଁ। ପୂର୍ବ ରାସ୍ତା ଉପରେ ସୁଖିଲା ଡଷ୍ଟ ଗୁଣ୍ଡ ଠିକାସଂସ୍ଥା ପକାଇଦେଇ ଚୁପ୍ ବସିଛି। ଖରାରେ ଶହ ଶହ ଗାଡି ପ୍ରତିଦିନ ଯାତାୟାତ ହେବା ଫଳରେ ପାଣି ପକା ନ ଯିବା କାରଣରୁ ଧୂଳି ଉଡୁଛି। ଏଣୁ ରାସ୍ତା ପାଖରେ ଥିବା ଘର ଓ ପଥଚାରୀ ଧୂଳିମାଡରେ ନୟାନ୍ତ ହେବାକୁ ପଡୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଡ଼କୁଆଁଳ ଓ ଦକ୍ଷିଣବନ୍ଧଠାରେ ଢଳାଇ କାମ ଚାଲିଛି। କାମ ଆରମ୍ଭରୁ ରାସ୍ତା ଫାଟି ଆଁ କଲାଣି। କେଉଁଠି କେଉଁଠି ମଧ୍ୟ ଦବିଯାଇଥିବା ଦେଖିବାକୁ ମିଳିଛି। ଯାହାକି ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଆଜି ସ୍ଥାନୀୟ ଲୋକେ ଢଳାଇ ହେଉଥିବା ସ୍ଥାନକୁ ବନ୍ଦ କରିଥିବା ଦେଖିବାକୁ ମିଳିଛି। ଶସ୍ତା ସିମେଣ୍ଟ ଓ ଏଷ୍ଟିମେଣ୍ଟ ଅନୁସାରେ କାର୍ଯ୍ୟ ନ ହେଲେ ଢଳାଇ ହୋଇପାରିନାହିଁ ବୋଲି ବୃନ୍ଦାବନ ଜେନା, ଉମେଶ ଜେନା, ବିଶ୍ୱଜିତ ରାୟ, ଅଜିତ ମହାନ୍ତି, ଅନୀଲ ରାୟ, ସତ୍ୟଜିତ ରାୟ, ଗଜେନ୍ଦ୍ର ବାରିକ ପ୍ରମୁଖ ଚେତାବନୀ ଦେଇଛନ୍ତି। କାର୍ଯ୍ୟ ସମୟରେ ବିଭାଗୀୟ ଜେଇ ଉପସ୍ଥିତ ନ କରିବାରୁ ଠିକାସଂସ୍ଥା ମନମୁଖୀ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଏଷ୍ଟିମେଣ୍ଟ ଅନୁସାରେ କାର୍ଯ୍ୟ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଜେଇ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ ସ୍ଥାନୀୟ ଲୋକଙ୍କ ଫୋନ ପାଇ ଘଟଣାସ୍ଥଳକୁ ଯାଇଥିଲି। ତଦନ୍ତ କରାଯାଇଛି। ଠିକ୍ ଭାବେ କାର୍ଯ୍ୟ କରିବାକୁ ଠିକାସଂସ୍ଥାକୁ ତାଗିଦ କରାଯାଇଥିବା କହିଛନ୍ତି।

